# Akashvani, Sambalpur

## SAMBALPURI NEWS MORNING BULLETIN

## 21 June 2026 - 6.47- 6.52 am.

---

ଯୋଗ ଦିବସ୍-ଦେଶ ଆର୍‌ଏନ୍‌ୟୁ/ ସମ୍ବଲପୁର

'ସୁସ୍ଥ ଆୟୁ ଲାଗି ଯୋଗ' ବାର୍ତା ନେଇକରି ଆଏଜ୍ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ଯୋଗ ଦିବସ । ୨୦୧୫ ମସିହାନୁ ଜୁନ୍ ୨୧ ତାରିଖ୍ ଦିନ ଫି ବଛର୍ ଇ ଦିବସ୍ ପାଲନ୍ କରାଯାଇଆସୁଛେ ।

ଅନ୍ତର୍ଜାତୀୟ ଯୋଗ ଦିବସ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ କୋଲ୍‌କାତାର ଐତିହାସିକ୍ ରେଡ୍ ରୋଡ୍ ଠାନେ ହେଇଥିବା ଆନ୍ତର୍ଜାତୀୟ ଯୋଗ ଦିବସ୍‌ର ଜାତୀୟ ସମାରୋହଥି ଯୋଗ୍ ଦେଇକରି ସାରା ପୁର୍‌ଥି ନ ସବୁନୁ ବଡ଼ ସାମୂହିକ୍ ଦିବସ୍ ଭାବେ ପାଲନ୍ କରାଯାଉଥିବା ଯୋଗ ଦିବସ୍ ଅବ୍‌ସରେ ସମ୍‌କୁ ଅଭିନନ୍ଦନ୍ ଜନେଇଛନ୍ । ଯୋଗର୍ ଲାଗି ବୟସ ସୀମା ନାଇଁନ ଆଉ ସବୁ ବର୍ଗର୍ ଲାଗି ଯୋଗ ଜରୁରୀ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଭୁବନେଶ୍ୱର କଲିଙ୍ଗ ଷ୍ଟାଡିୟମ୍‌ଠାନେ ହେଇଥିବା ରାଜ୍ୟସ୍ତରୀୟ ଯୋଗ ଦିବସ ସମାରୋହଥି ସାମିଲ୍ ହେଇକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍, ଶାରୀରିକ୍ ବୌଦ୍ଧିକ୍ ଆଉ ମାନସିକ୍ ବିକାଶ୍ ଲାଗି ଯୋଗ ବହୁତ୍ ଜରୁରୀ ଆଏ । ଆଝିରର୍ ସମାରୋହଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ । ରାଜ୍ୟର୍ ସବୁ ଜିଲ୍ଲା ମୁଖ୍ୟାଳୟ, ସବୁ ବ୍ଲକ୍ ଆଉ ସହରାଂଚଲ୍ ଆଉ ସବୁ ପଂଚାୟତ୍ ନ ଆଏଜ୍ ଅନ୍ତର୍ଜାତୀୟ ଯୋଗ ଦିବସ ପାଲନ୍ କରାଯାଉଛେ ।

ନିଟ ୟୁଜି ଏନ୍‌ଏସ୍‌ଡି

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍-ଏନ୍‌ଟିଏ ପରିଚାଲିତ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ ୟୁଜି-୨୦୨୬ର ପୁନଃ ପରୀକ୍ଷା ଆଏଜ୍ ହେବା । ପରୀକ୍ଷା ଦୁଇପହରର୍ ୨ ବଜେନୁ ମୁଲ୍ ହେଇକରି ଉପର୍‌ବେଲା ୫ ବାଜିକରି ୧୫ ମିନିଟ୍ ତକ୍ ଚାଲ୍‌ବା । ଭାରତ୍‌ର ୫

ଶହ ୫୧ ଟା ସହର୍ ଆଉ ବିଦେଶ୍‌ର ୧୪ ଟା ସହର୍ ନ ୨୨ ଲାଖ୍ ୭୯ ହଜାର୍‌ନୁ ଅଏତ୍‌କା ପରୀକ୍ଷାର୍ଥୀ ଇ ପରୀକ୍ଷା ଦେବେ । ଓଡ଼ିଶାର୍ ୨୭ ଟା ସହରେ ଶହେ ୩୨ ଟା କେନ୍ଦ୍ର ନ ୩ ମୋଟ୍ ୫୬ ହଜାର୍ ୯ ଶହ ୮୩ ଝନ୍ ପରୀକ୍ଷାର୍ଥୀ ଇ ପରୀକ୍ଷା ଦେବେ । ପରୀକ୍ଷା ସମିଆଥି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍ ଲାଗି ସିସିଟିଭି ନିରୀକ୍ଷଣ୍ ବ୍ୟବସ୍ଥା ସହେତେ ଆଧାର୍ ଆଧାରିତ୍ ଚିହ୍ନଟ୍ ପ୍ରମାଣିକରଣ୍ ଆଉ ଜିପିଏସ୍ ସମର୍ଥିତ୍ ଗାଡ଼ି ବେଭାର୍ କରାଯିବା ବଲି ଜନାପଡ଼ିଛେ ।

ଆର୍.ଆଇ, ଅମିନ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ୱଲପୁର

ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ - ଓ.ଏସ୍.ଏସ୍.ଏସ୍.ସି ତର୍‌ଫୁ ହେବାର୍‌କେ ଥିବା ସି.ଆର୍.ଇ. - ୨୦୨୫ ଲିଖିତ୍ ପରୀକ୍ଷାକେ ଘୁଁଚେଇ ଦିଆଯାଇଛେ । ଗଲା ୨୦ ତାରିଖ୍ ଦିନ ହେବାର୍‌କେ ଥିବା ଇ ପରୀକ୍ଷା ଆଏବା ୨୮ ଦିନ ତାରିଖ୍ ହେବା ବଲି ଧାରିଜ୍ କରାଯାଇଛେ । ନିଟ୍ ୟୁଜି ପରୀକ୍ଷା ଥିବାର୍‌ନୁ ଇ ନିଷ୍ପତି ନିଆଯାଇଥିବାର୍ କମିଶନ୍‌ଙ୍କର୍ ତର୍‌ଫୁ

କୁହାଯାଇଛେ । ପରୀକ୍ଷାର୍ଥୀମାନେ କମିଶନ୍‌ଙ୍କର୍ ୱେବ୍‌ସାଇଟ୍‌ନୁ ସଂଶୋଧିତ୍ ଏଡ୍‌ମିଟ୍‌କାର୍ଡ଼ ଜୁନ୍ ୨୪ ତାରିଖ୍‌ନୁ ଡାଉନ୍‌ଲୋଡ୍ କରିପାର୍‌ବେ ।

ଡକ୍ଟର୍ ମୃଣାଳିନୀ ଦର୍ଶୱାଲ-ବର୍‌ଗଡ଼୍     ବର୍‌ଗଡ଼୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବ ଡକ୍ଟର୍ ମୃଣାଳିନୀ ଦର୍ଶୱାଲ୍ ଗଲାକାଏଲ୍ ବର୍‌ଗଡ଼୍ ଜିଲ୍ଲା ନ କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରିଛନ୍ । ଅତାବିରା ଆଇ.ସି.ଡି.ଏସ୍. ନ ଯୋଜ୍‌ନା ମାନ୍‌କର୍ କାର୍ଯ୍ୟକାରିତା ସେବା ଦେବାର୍ ବ୍ୟବସ୍ଥା, ଆଉ ଭିତିଭୂମି ସୁବିଧା ବାବ୍‌ଦେ ବ୍ଲକ୍ ଉନ୍ନୟନ୍ ଅଧିକାରୀଙ୍କର୍ ସହେତେ ଆଲୋଚନା କରିଛନ୍ । ତାର୍ ଉତ୍‌ରୁ ଡକ୍ଟର୍ ଦର୍ଶୱାଲ୍ ବର୍‌ପାଲି ନ ଥିବା ଗୁଟେ ସ୍ୱୟଂସହାୟକ୍ ଗୋଷ୍ଠୀ ତର୍‌ଫୁ ପରିଚାଳିତ୍ ଛତୁଆ କେନ୍ଦ୍ର ଭିଲ୍ ପରିଦର୍ଶନ୍ କରିଥିଲେ ।

ପିତୃ ଦିବସ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ପିତୃ ଦିବସ୍ । ‘ପିତା ଧର୍ମଃ, ପିତା ସ୍ୱର୍ଗଃ, ପିତା ହିଁ ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ’ । ଆମର୍ ଭାରତୀୟ ସଂସ୍କୃତିଥି ପରିବାର୍ ନ ପିତାଙ୍କୁ ସବୁଠାନୁ ଉଚ୍ଚ ଆସନ୍ ଦିଆଯାଇଛେ । ବାପା ମାନ୍‌କୁ ସମ୍ମାନ୍ ଜନେଇକରି ଫି ବଛର୍ ଜୁନ୍ ମାସର୍ ୩ ନମ୍ବର୍ ରଏବାର୍‌କେ ପିତୃଦିବସ୍ ଭାବେ ପାଲନ୍ କରାଯାଏସି । ମା ପୃଥିବୀ ହେଲେ ପିତା ହେଉଛନ୍ ଆକାଶ୍ । ଝନେ ଛୁଆ ହିଁ ତାର୍ ବାପାକେ ଆଦର୍ଶ ଭାବେ ଦେଖିଥିସି । ବାପା ହିଁ ଛୁଆ ଲାଗି ଝନେ ସୁପର୍ ହିରୋର ଉଦାହରଣ୍ ହେସନ୍ ।

ନାଗରିକ୍ ଭାଗିଦାରୀ କାର୍ଯ୍ୟକ୍ରମ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍ ପୌର ପରିଷଦ୍ ତର୍‌ଫୁ ସହରାଂଚଲ୍ ଜନସମ୍ପର୍କ ଆଉ ନାଗରିକ୍ ଭାଗିଦାରୀ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ପରିମଳ, ପି.ଏମ୍. ଆବାସ, ପି.ଏମ୍. ସ୍ୱନିଧି, ବାର୍ଦ୍ଧକ୍ୟ ଭତା, ମୁଖ୍ୟମନ୍ତ୍ରୀ ସହରାଂଚଲ୍ ବିକାଶ୍ ଯୋଜ୍‌ନା ବାଗିର୍ ଭିନ୍ ଭିନ୍ ଲୋକାଭିମୁଖୀ ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍

କରାଯାଇଥିଲା । ଇ ଅବ୍‌ସରେ ୬୦ ଝନ୍ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ଼ ଭିଲ୍ ବଂଟାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ମୌସୁମୀର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମୁଦ୍ରଖଁଡ଼ି ଇଲାକା ସହେତେ ଆଭ୍ୟନ୍ତରିଣ୍ ଓଡ଼ିଶାର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ରବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍‌ସହେତେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ସହେତେ ରାଜ୍ୟର୍ ୨୩ ଟା ଜିଲ୍ଲା ନ ଧୁକାଗର୍ଜି, ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।